# Akashvani, Sambalpur

## SAMBALPURI NEWS EVENING BULLETIN

**6 November 2025- 7.02 pm- 7.12 pm.**

*********************************************

୧- ରାଷ୍ଟ୍ରଗୀତ୍ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଅବ୍‌ସରେ ବଛର୍‌କିଆ ସ୍ମାରକୀ ସମାରୋହକେ ଆଏବାକାଏଲ୍ ଉଦ୍‌ଘାଟନ୍ କର୍‌ବେ ପ୍ରଧାନମନ୍ତ୍ରୀ ।

-ଭୁବନେଶ୍ୱର ନ ସମାରୋହଥି ମୁଖ୍ୟମନ୍ତ୍ରୀ ହେବେ ସାମିଲ ।

୨- ନୂଆପଡ଼ା ବିଧାନ ସଭା ଉପନିର୍ବାଚନ ଲାଗି ପ୍ରଚାର୍ କଲେ ମୁଖ୍ୟମନ୍ତ୍ରୀ ।

-କଂଗ୍ରେସ ତର୍‌ଫୁ ଜାରି ହେଲା ନିର୍ବାଚନୀ ଇସ୍ତାହାର ।

ଆଉର୍

୩- ଭାରତ୍‌ର ସଡ଼କ ଭିତିଭୂମିର୍ ବିକାଶ୍ ଲକ୍ଷ୍ୟ ନେଇକରି ଆଏବାକାଏଲ୍ ଭୁବ୍‌ନେଶ୍ୱର୍ ନ ମୁଲ୍ ହେବା ୮୪ ନମ୍ବର୍ ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍ ।

ବନ୍ଦେ ମାତରମ୍- ୧୫୦ ବଛର୍ /ଆର୍‌ଏନ୍‌ୟୁ/ସମ୍ବଲପୁର/I&PR

ସ୍ୱାଧୀନତା ଆନ୍ଦୋଲନ୍‌ର ମୂଲ୍ୟବୋଧ ସଙ୍ଗେ ୟୁଆନ୍ ପିଢ଼ି ଆଉ ଛାତ୍ରଛାତ୍ରୀମାନ୍‌କୁ ଜୁଡ଼୍‌ବାର୍ ଲାଗି ଆଏବାକାଏଲ୍‌ଠାନୁ ରାଷ୍ଟ୍ରଗୀତ୍ ସଂଗୀତ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ପାଲନ୍ କରାଯିବା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ନୂଆଦିଲ୍ଲୀଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମଥି ବଛ୍‌ରକିଆ ସ୍ମାରକୀ କାର୍ଯ୍ୟକ୍ରମ୍‌ର ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ପ୍ରାମାଣିକ୍ ଚିତ୍ର ପ୍ରଦର୍ଶନ୍ କରାଯିବାର୍ ସହେତେ ପ୍ରଧାନମନ୍ତ୍ରୀ ସ୍ମାରକୀ ଡାକ ଟିକଟ ଆଉ ମୁଦ୍ରାର୍ ଉନ୍ମୋଚନ୍ କର୍‌ବେ । ଦେଶର୍ ୟୁଆନ୍ ବର୍ଗଙ୍କର୍ ଭିତ୍‌ରେ ଦେଶପ୍ରେମ ଭାବ୍‌ନାକେ ବଁଚେଇ କରି ରଖ୍‌ବାର୍ ଲକ୍ଷ୍ୟଥି ଦେଶର ଶହେ ୫୦ଟା ଜାଗାନ ଇ ଗୀତର୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହେବା ।

ଭୁବନେଶ୍ୱର ସହେତେ ବ୍ରହ୍ମପୁର, ବାଲେଶ୍ୱର, କେନ୍ଦୁଝର ଆଉ ରାଉରକେଲାନ ଭିଲ୍ ଖାସ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯିବା । ଆଏବାକାଏଲ୍ ସଖାଲ୍‌ବେଲା ଭୁବନେଶ୍ୱର ଲୋକ ସେବା ଭବନ୍ ନ  ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ୍ ତର୍‌ଫୁ ରାଜ୍ୟର ବିଦ୍ୟାଳୟ ଆଉ ମହାବିଦ୍ୟାଳୟ ମାନ୍‌କେ ବନ୍ଦେ ମାତରମ୍‌ର

ଶହେ ୫୦ ବଛର୍ ପୂର୍ତି ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା ଆଉ ଛାତ୍ରଛାତ୍ରୀ ବନ୍ଦେ ମାତରମ୍ ଗାଏବେ ।

ସୂଚ୍‌ନା ଅନ୍‌ସାରେ ୧୮୭୫ ମସିହା ବେଲ୍‌କେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର୍ ଲିଖିତ୍ ଇ କବିତାକେ ୧୮୯୬ ମସିହା ବେଲ୍‌କେ ଗୁରୁଦେବ ରବୀନ୍ଦ୍ର ନାଥ୍ ଟାଗୋର୍ ଭାରତୀୟ ଜାତୀୟ କଂଗ୍ରେସ୍‌ର ଅଧିବେଶନ୍‌ଥି ପହେଲାକରି ଗାଇଥିଲେ ।

ବିହାର ନିର୍ବାଚନ ଏନ୍‌ଏସ୍‌ଡି

ବିହାର ବିଧାନସଭା ନିର୍ବାଚନର ପହେଲା ଖେପ୍ ମତଦାନ୍ ପ୍ରକ୍ରିୟା ଆଏଜ୍ ଶେଷ୍ ହେଇଛେ । ଉପରବେଲା ୫ ବଜେତକ୍ ୬୦.୧୩ ପ୍ରତିଶତ ମତଦାନ ହେଇଥିବାର୍ ଆମର ସମ୍ବାଦଦାତା ସୂଚ୍‌ନା ଦେଇଛନ୍ । ୧୮ଟା ଜିଲ୍ଲାର ଶହେ ୨୧ଟା ବିଧାନସଭା ଆସନ୍ ଲାଗି ଆଏଜ୍ ସଖାଲର୍ ୭ ବଜେନୁ ସଞ୍ଝବେଲର୍ ୬ ବଜେତକ୍ ଭୋଟ୍ ଗ୍ରହଣ ହେଇଥିଲା । ସୁରକ୍ଷା ଥିତିକେ ନଜର୍‌ଥି ରଖିକରି ୫୬ଟା ବୁଥ୍ ନ ବେଲ୍‌ବୁଡ଼ର ୫ ବଜେତକ୍ ମତଦାନ୍ ହେଇଥିଲା । କଡ଼ା ସୁରକ୍ଷା ବ୍ୟବସ୍ଥା ଭିତ୍‌ରେ ଶାନ୍ତି ଶୃଙ୍ଖଲାର୍ ସହେତେ ପହେଲା ଖେପ୍ ମତଦାନ୍ ଶେଷ୍ ହେଇଛେ । ସେଆଡ଼େ ଦୁଇ

ନମ୍ବର ଖେପ୍ ମତଦାନ ଲାଗି ଜୋର୍‌ଦାର୍ ପ୍ରଚାର ଚାଲିଛେ । ଆଏବା ୧୧ ତାରିଖ୍ ଦିନ ୨୦ଟା ଜିଲ୍ଲା ଶହେ ୨୨ଟା ଆସନ୍ ଲାଗି ଭୋଟ୍ ଗ୍ରହଣ ହେବା ।

ନୂଆପଡ଼ା- ଉପନିର୍ବାଚନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍‌କେ ଆଉ ୪ ଦିନ୍ ବାକି ରହିଛେ । ତିନ୍‌ହି ମୁଖିଆ ରାଜନୈତିକ୍ ଦଲ୍ ସହେତେ ଅଲ୍‌ଗା ଦଲ୍ ଆଉ ସ୍ୱାଧୀନ୍ ପ୍ରାର୍ଥୀମାନ୍‌କର୍ ତର୍‌ଫୁ ଜୋର୍‌ଦାର୍ ପ୍ରଚାର୍ ଚାଲିଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ନୂଆପଡ଼ା ଜିଲ୍ଲା ଗସ୍ତ କରି କରି ନିର୍ବାଚନୀ ସଭାଥି ଯୋଗ୍ ଦେବାର୍ ସହେତେ ଶୋଭାଯାତ୍ରାଥି ଭିଲ୍ ସାମିଲ୍ ହେଇଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭାରତୀୟ ଜନତା ପାର୍ଟିର୍ ପ୍ରାର୍ଥୀ ଜୟ ଢୋଲ୍‌କିଆଙ୍କର ଲାଗି ଭୋଟ୍ ମାଗିଛନ୍ । କଂଗ୍ରେସ୍ ପ୍ରାର୍ଥୀ ଘାସିରାମ୍ ମାଝୀ ଆଉ ବିଜେଡ଼ି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଭିଲ୍ ନିର୍ବାଚନ୍ ମଣ୍ଡଲୀର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ପ୍ରଚାର୍ କରିଛନ୍ । ଉପନିର୍ବାଚନ ଲାଗି କଂଗ୍ରେସ ତର୍‌ଫୁ ଆଏଜ୍ ନିର୍ବାଚନୀ ଇସ୍ତାହାର ବାହାର୍ କରାଯାଇଛେ । ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଇସ୍ତାହାର ଉନ୍ମୋଚନ୍ କରିଛନ୍ । ଇ

ବାବ୍‌ଦେ ଆମର ନୂଆପଡ଼ା ସମ୍ବଦଦାତାଙ୍କର ଗୁଟେ ରିପୋର୍ଟ.....
(ଭଏସ୍---ନୂଆପଡ଼ା ପ୍ରତିନିଧି)

ନୂଆପଡ଼ା ଭୋଟର ସୂଚନାପତ୍ର ବଂଟନ I&PR

ନୂଆପଡ଼ା ବିଧାନସଭା ଉପନିର୍ବାଚନକେ ନେଇକରି ନିର୍ବାଚନ ମଣ୍ଡଳୀ ନ ମତଦାତାମାନ୍‌ଙ୍କୁ ସଚେତନ୍ କର୍‌ବାର ଲାଗି ବୁଥ୍‌ସ୍ତରର୍ ଅଧିକାରୀମାନେ ଘର୍ ଘର ଯାଇକରି ଭୋଟର ସୂଚନା ପତ୍ର ଆଉ ମାର୍ଗଦର୍ଶିକା ବହି ବାଂଟିଛନ୍ । ନିର୍ବାଚନ ମଣ୍ଡଳୀ ନ ୨ ଲାଖ୍ ୫୧ ହଜାର ୯ ଶହ ୧୯ ଗୋଟର ସୂଚନାପତ୍ର ଆଉ ୮୫ ହଜାର ଭୋଟର ମାର୍ଗଦର୍ଶିକା ବହି ବଂଟାଯାଇଛେ । ସୂଚନାପତ୍ରଥି ଭୋଟର ତାଲିକା ନ ମତଦାତାଙ୍କର ନାଁ, ମତଦାନ କେନ୍ଦ୍ର, ତାରିଖ୍ ଆଉ ସମିଆ ବାଗିର୍ ଭିନ୍ ଭିନ୍ ତଥ୍ୟ ରହିଛେ ।

ଥାନାଧିକାରୀ କର୍ମଶାଳା I&PR

ଭୁବନେଶ୍ୱର ପୁଲିସ ଭବନ୍‌ଠାନେ ଓଡ଼ିଶା ପୁଲିସ, ରେଲବାଇ ଆଉ ସମୁଦ୍ର ଖଣି ସୁରକ୍ଷା ମୁଖ୍ୟାଳୟ ତର୍‌ଫୁ ସରକାରୀ

ରେଲବାଇ ଥାନା ଆଉ ସାମୁଦ୍ରିକ ଥାନା ଅଧିକାରୀମାନ୍କର ଦିନ୍କିଆ କର୍ମଶାଲା ହେଇଯାଇଛେ । ପୁଲିସ ମହାନିର୍ଦ୍ଦେଶକ ଯୋଗୋଶ ବାହାଦୂର ଖୁରାନିଆ କର୍ମଶାଲକେ ଉଦ୍‌ଘାଟନ୍ କରିକରି ରେଲବାଇ ଆଉ ଉପକୂଳ ସୁରକ୍ଷାର କ୍ଷମତା ବଢ଼ାବାର ଦିଗେ ଇ କର୍ମଶାଲା ବହୁତ୍ ସାହାଜ୍ କର୍‌ବା ବଲି କହିଛନ୍ । ମାନବ ସମ୍ବଲ ବଢ଼ାବାର, ଅତ୍ୟାଧୁନିକ୍ ପ୍ରଯୁକ୍ତି ବିଦ୍ୟା ଆଉ କାର୍ଯ୍ୟଶୈଳୀଥି ଉନ୍ନତି ଓଡ଼ିଶା ପୁଲିସ ଅଏତ୍କା ଜୋର୍ ଦଉଛେ ବଲି ଶ୍ରୀ ଖୁରାନିଆ କହିଛନ୍ । କର୍ମଶାଳାଥି ଦକ୍ଷତା ବଢ଼ାବାର୍, ରେଲ୍‌ବାଇ ଆଉ ସମୁଦ୍ର ଖଣିର୍ ସୁରକ୍ଷା ବାବ୍‌ଦେ ସଚେତନ୍ କର୍‌ବାର ଆଉ ଅପରାଧ ମାମଲାର ତଦନ୍ତଥି ବୈଷୟିକ୍ ଜ୍ଞାନର ଭୂମିକା, ସାଇବର୍ ଅପରାଧ୍‌ର ତଦନ୍ତ ବାବ୍‌ଦେ ଆଲୋଚନା କରାଯାଇଥିଲା ।

କଟକ ବାଲିଯାତ୍ରା କଟକ ସମ୍ବାଦଦାତା

କଟକ ବଲିଯାତ୍ରାର୍ ଦୁଇ ନମ୍ବର ସନ୍ଧ୍ୟାଥି ଆଏଜ୍ ଗଣକବି ବୈଷ୍ଣବ ପାଣି ମଚାନ୍‌ଥି ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟ ପରିଚାଲନା ମନ୍ତ୍ରୀ ସୁରେଶ ପୂଜାରୀ ଆଉ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଇଣ୍ଡୋନେସିଆ ପହେଲା କରି ଇ ବଛର୍ ବାଲିଯାତ୍ରାଥି ସହଭାଗୀ ଦେଶ୍ ଭାବେ ସାମିଲ୍ ହେଇଛେ । ମହୋତ୍ସବ୍‌ଥି ଓଡ଼ିଶାର କଳା, ସଂସ୍କୃତି ଆଉ ଐତିହ୍ୟର ପ୍ରଚାର ପ୍ରସାର୍ ଉପ୍‌ରେ ଅଏତ୍‌କା ଜୋର୍ ଦିଆଯାଇଛେ । ଇ ମହୋତ୍ସବ ୮ ଦିନ୍ ତକ୍ ଚାଲ୍‌ବା । ଇ ବଛର୍ ୧୬ ଶହନୁ ଅଏତ୍‌କା ଷ୍ଟଲ୍ ଲାଗିଛେ । ଗଲାକାଏଲ୍ ରାଜ୍ୟ ହସ୍ତତନ୍ତ, ବୟନ ଆଉ ହସ୍ତଶିଳ୍ପ ବିଭାଗ୍ ତର୍‌ଫୁ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ୍ ହେଇଛେ । ପ୍ରଦର୍ଶନୀଥି ୨ଶହ ଟା ଷ୍ଟଲ୍ ରହିଛେ । ବିଭାଗ୍ ତର୍‌ଫୁ କଟକ ରୂପା ତାରକସି ପେଭିଲଅନ୍ ଭିଲ୍ ଉଦ୍‌ଘାଟିତ୍ ହେଇଛେ ।

ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍ ସମ୍ମିଳନୀ ଆର୍‌ଏନ୍‌ୟୁ ସମ୍ବଲପୁର

ଭାରତ୍‌ର ସଡ଼କ ଭିତିଭୂମିର୍ ବିକାଶ୍ ଲକ୍ଷ୍ୟଥି ଆଏବାକାଏଲ୍ ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ନ ୮୪ ନମ୍ବର୍ ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍ ସମ୍ମିଳନୀ ମୁଲ୍ ହେବା । କେନ୍ଦ୍ର ସଡ଼କ, ପରିବହନ୍ ଆଉ ରାଜପଥ ମନ୍ତ୍ରୀ ନୀତିନ୍ ଗଡ୍‌କରୀ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । କାର୍ଯ୍ୟକ୍ରମଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଲ୍ ସାମିଲ୍ ହେବାର୍ କାର୍ଯ୍ୟସୂଚୀ

ରହିଛେ । ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍ର ଇ ବଛ୍ରର୍ ବିଷୟବସ୍ତୁ 'ଭାରତର ରାଜମାର୍ଗ, ଭାରତର ଭବିଷ୍ୟତ୍' ରଖାଯାଇଛେ ।

୪ ଦିନ୍ ଧରିକରି ହେବାର୍କେ ଥିବା ଇ ସମ୍ମିଳନୀଥି ଭାରତର ସଡ଼କ୍ ଭିତିଭୂମି, ଉନ୍ନତିକରଣ୍ ଆଉ ନୂଆଁ କାର୍ଯ୍ୟକୌଶଲ୍ ବାବ୍ଦେ ଆଲୋଚନା କରାଯିବା । ଦେଶର୍ ଭିନ୍ ଭିନ୍ ଜାଗା ନୁ ବିଶେଷଜ୍ଞ, ବୈଜ୍ଞାନିକ, ସଡ଼କ ଯନ୍ତ୍ରୀମାନେ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ । ରାସ୍ତା ବାବଦ୍ ଭିନ୍ ଭିନ୍ ସମସ୍ୟାର ସମାଧାନ ଦୂର୍ କର୍ବାର୍ ଲାଗି ନୀତିନିର୍ଦ୍ଧାରକ୍ ଆଉ ବିଶେଷଜ୍ଞମାନେ ପରାମର୍ଶ ଦେବେ । କାର୍ଯ୍ୟକ୍ରମ୍ଥି ୩ ହଜାର ୫ ଶହନୁ ଅଏତ୍କା ପ୍ରତିଭାଗୀ ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ରଥ ଚକା ବିକ୍ରି ଟେଣ୍ଡର ପୁରୀ ସମ୍ବାଦଦାତା

ପୁରୀ ରଥଯାତ୍ରା ବେଲ୍କେ ବେଭାର୍ ହେଇଥିବା ତିନ୍ହି ରଥର୍ ଚକା ବିକ୍ରି ବାବ୍ଦେ ଶ୍ରୀମନ୍ଦିର ପ୍ରଶାସନ୍ ତର୍ଫୁ ଦୁଇ ନମ୍ବର ଖେପ୍ ଟେଣ୍ଡର ବାହାରିଛେ । ଆଗ୍ରହୀ ଲୁକେ ଠିକ୍ ଦାମ୍ ଦେଇକରି ରଥ ଚକା, ପର୍ଭା, ଗୁଜ, ଅଂଶୁଆରି ନେବାର୍କେ ଶ୍ରୀମନ୍ଦିର ପ୍ରଶାସନ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ହଜାରେ ଟଙ୍କା ସହେତେ ଆବେଦନ୍ କର୍ବାର ଶେଷ୍ ତାରିଖ୍ ଆଏବା ୧୦ ତାରିଖ୍ ତକ୍

ରଖାଯାଇଛେ । ଆବେଦନ୍‌ର ଶେଷ୍ ତାରିଖ୍ ଉତ୍‌ରୁ ୧୫ ଦିନ୍ ଭିତ୍‌ରେ ରଥର୍ ଭିନ୍ ଭିନ୍ ଦରବ୍‌କେ ଦିଆଯିବାର୍ ଲାଗି ଟେଣ୍ଡର୍‌ଥି ସୂଚ୍‌ନା ଦିଆଯାଇଛେ ।

ଶ୍ରମ ଆୟୁକ୍ତ ତାଲିମ୍ କାର୍ଯ୍ୟକ୍ରମ I&PR

ଭୁବନେଶ୍ୱର ଶ୍ରମ କାର୍ଯ୍ୟାଳୟଠାନେ ରାଏଜେ କାର୍ଯ୍ୟରତ୍ ଯୁଗ୍ମ ଶ୍ରମ ଆୟୁକ୍ତ ଆଉ ପ୍ରଭାଗୀୟ ଶ୍ରମ ଆୟୁକ୍ତମାନ୍‌ଙ୍କୁ ନେଇକରି ଦୁଇଦିନିଆ ତାଲିମ୍ କାର୍ଯ୍ୟକ୍ରମ୍ ଆଏଜ୍ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍‌କେ ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ଶାସନ ସଚିବ ରାଜେଶ କୁମାର ଅଗ୍ରୱାଲ ଉଦ୍‌ଘାଟନ୍ କରିଛନ୍ । କର୍ମଚାରୀ କ୍ଷତିପୂରଣ ଆଇନ, ଗ୍ରାଚୁଇଟି ଆଇନ, ମଜୁରୀ ଆଇନ ବାଗିର୍ ଭିନ୍ ଭିନ୍ ବିଷେକେ ନେଇକରି କାର୍ଯ୍ୟକ୍ରମ୍‌ଥି ଅଧିକାରୀମାନ୍‌ଙ୍କୁ ତାଲିମ୍ ଦିଆଯାଇଛେ ।

ଯୁଦ୍ଧ ଲାଗି ପରିବେଶ୍ ନୁକ୍‌ସାନ ସଚେତନତା ଦିବସ

ଆର୍‌ଏନ୍‌ୟୁ/ ସମ୍ବଲପୁର

ପରିବେଶ୍ ଉପ୍‌ରେ ଯୁଦ୍ଧର ବିନାଶକାରୀ ପ୍ରଭାବ ବାବ୍‌ଦେ ସଚେତନ୍ କର୍‌ବାର୍ ଆଉ ଭବିଷ୍ୟତ୍ ପିଢ଼ି ଲାଗି ପ୍ରାକୃତିକ୍

ସମ୍ପଦ୍‌ର ସୁରକ୍ଷା ବାବ୍‌ଦେ ଧ୍ୟାନ୍ ଦେବାର୍ ଲକ୍ଷ୍ୟଥି 'ଯୁଦ୍ଧ ଆଉ ସଶସ୍ତ୍ର ସଂଘର୍ଷଥି ପରିବେଶ ନୁକ୍‌ସାନ ରୁକ୍‌ବାର୍ ବାବଦ୍ ଅନ୍ତର୍ଜାତୀୟ ଦିବସ୍' ଆଏଜ୍ ପାଲନ୍ କରାଯାଉଛେ । ଯୁଦ୍ଧ ଲାଗି ହଉଥିବା ପ୍ରଦୂଷଣ, ଜଙ୍ଗଲ କମ୍‌ବାର ବାଗିର୍ ପରିବେଶ ନୁକ୍‌ସାନ୍‌କେ ରୁକ୍‌ବାର୍ ଲାଗି ଆଉ ପ୍ରାକୃତିକ ସମ୍ପଦକେ ସୁରକ୍ଷା ଦେବାର୍‌ଟା ଇ ଦିବସ୍ ପାଲନ୍‌ର ମୁଖିଆ ଲକ୍ଷ୍ୟ ଆଏ ।

ମଡ଼ିଆ ଦିବସ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ପ୍ରେକ୍ଷାଳୟ ନ ଆଏଜ୍ ଜିଲ୍ଲାସ୍ତରୀୟ ମଡ଼ିଆ ଦିବସ୍ ଆଉ ସୁରଭି କାର୍ଯ୍ୟକ୍ରମ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଉ ମହାନଗର ନିଗମ ଆୟୁକ୍ତ ରେହାନ୍ କ୍ଷେତ୍ରୀ ପ୍ରମୁଖ ଯୋଗ୍ ଦେଇଥିଲେ । ମଡ଼ିଆ ଦିବସ୍ ଅବ୍‌ସରେ ବହୁତ୍ ସଫଲ ମଡ଼ିଆ ଚାଷୀ ଆଉ ସ୍ୱୟଂ ସହାୟକ ଗୋଷ୍ଠୀ ମହିଲାମାନ୍‌ଙ୍କୁ ସମ୍ମାନୀତ୍ କରାଯାଇଥିଲା । ଇତାର୍‌ସହେତେ ସୁରଭି କାର୍ଯ୍ୟକ୍ରମଥି ହେଇଥିବା ଭିନ୍ ଭିନ୍ ପ୍ରତିଯୋଗିତାର୍ କୃତୀ ଛାତ୍ରଛାତ୍ରୀମାନ୍‌ଙ୍କୁ ପୁରସ୍କୃତ୍ କରାଯାଇଥିଲା । ତାର୍ ଉତ୍‌ରୁ

ଅତିଥିମାନେ ମଡ଼ିଆଥି ତିଆର୍ ଭିନ୍ ଭିନ୍ ଖାଏବାର୍ ଦରବ୍ ବିକ୍ରି ଷ୍ଟଲ୍‌କେ ଭିଲ୍ ଉଦ୍‌ଘାଟନ୍ କରିଛନ୍ ।

ସାଇବର ସଚେତନତା କାର୍ଯ୍ୟକ୍ରମ ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନ ପୁଲିସ ତର୍‌ଫୁ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଦେବଗଡ଼ ଆଦର୍ଶ ଥାନାର୍ ଅଧିକାରୀମାନେ ସାଇବର ଅପରାଧନୁ କେନ୍ତାକରି ସତର୍କ ରହିକରି ବର୍ତିପାର୍‌ବେ ସେ ବାବ୍‌ଦେ ଛାତ୍ରଛାତ୍ରୀଙ୍କୁ ବୁଝେଇଥିଲେ । ଇ ଅବ୍‌ସରେ ସାଇବର ଅପରାଧ୍‌କେ ନେଇକରି ପ୍ରଶ୍ନୋତର ଆଉ ବିତର୍କ ପ୍ରତିଯୋଗିତା ହେଇଥିଲା । ଶେଷେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର-ପଶ୍ଚିମ ଦିଗୁ ଆସୁଥିବା ସୁଖା ଆଉ ଥଣ୍ଡା ପବନ୍‌ର ପ୍ରଭାବ୍‌ଥି ଗଲା ଦୁଇଦିନ୍ ହେଲା ରାଜ୍ୟର୍ ତାପମାତ୍ର କମ୍ ହେବାର୍ ସହେତେ ଶୀତ୍ ବଢ଼ିଛେ । ଭିନ୍ ଭିନ୍ ଜାଗାନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ୍ ତକ୍ ରେକର୍ଡ

କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଜାଗା ନ ପାଗ୍ ଶୁଖା ରହେବା । ୩ ଦିନ୍ ଉତ୍‌ରୁ ଆହୁରି ୨ ନୁ ୩ ଡିଗ୍ରୀତକ୍ ତାପମାତ୍ରା କମ୍‌ବା ଆର୍ ଶୀତ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।